## ସଂକ୍ଷେପରେ

### ଆଇନଜୀବୀଙ୍କ କ୍ୟାବିନ ଭାଙ୍ଗି ଚୋରି

ବ୍ରହ୍ମପୁର ଅଫିସ,୧।୨: ଗଞ୍ଜାମ ଜିଲା କୋର୍ଟ ପରିସରରେ ଥିବା ଜଣେ ଆଇନଜୀବୀଙ୍କ କ୍ୟାବିନ ଭାଙ୍ଗି ଚୋରି ହୋଇଛି। ଏନେଇ ଆଇନଜୀବୀ ପ୍ରମୋଦ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଗତ ୪ ଦିନ ଧରି ଆଇନଜୀବୀମାନେ ଧାରଣାରେ ବସିଥିବା ବେଳେ ଶନିବାର ସେମାନେ କୋର୍ଟ କାର୍ଯ୍ୟରେ ଯୋଗଦେଇଥିଲେ। ପ୍ରମୋଦ ସକାଳେ ତାଙ୍କ କ୍ୟାବିନ ନିକଟକୁ ଆସି ଦେଖିବା ବେଳେ ତାଲା ଭଙ୍ଗାଯାଇଥିଲା। କବାଟ ଖୋଲି ଦେଖିବା ବେଳେ ସେଥିରେ ଥିବା କିଛି ମାମଲା ସମ୍ପର୍କିତ ଫାଇଲ, ଏକବ୍ୟାଙ୍କ ଚେକ୍ ବହି ଓ ସେଠାରେ ଲାଗିଥିବା ଫ୍ୟାନ ନ ଥିଲା। ପରେ ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। କୋର୍ଟ ପରିସରରେ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡ଼ି କରିବାକୁ ଗଞ୍ଜାମ ଓକିଲ ସଂଘ ସମ୍ପାଦକ କୈଳାସ ପାଣିଗ୍ରାହୀ ଦାବି କରିଛନ୍ତି। ଚୋର ଗ୍ୟାଙ୍ଗ ଶୁକ୍ରବାର ରାତିରେ ଓକିଲଙ୍କ କ୍ୟାବିନରୁ ଚୋରି କରିବା ସହ ଭିଜିଲାନ୍ସ ଅଫିସ ନିକଟରେ ଥିବା ଏକ ଚାହା ଦୋକାନ ଓ ପାନଦୋକାନରୁ ମଧ ଚୋରି କରିଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାର ତଦନ୍ତ ଚଳାଇଥିବା କହିଛି।

### ସିଏଏ ସପକ୍ଷରେ ଭାଜପାର ଜନ ଜାଗରଣ

ବ୍ରହ୍ମପୁର ଅଫିସ,୧।୨; ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସପକ୍ଷରେ ଭାଜପା ପକ୍ଷରୁ ଜନ ଜାଗରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ନେତା ସୁଦୀପ୍ତ ରାୟ ଏହି ଜାଗରଣ ଅଭିଯାନର ଶୁଭାରମ୍ଭ କରିଥିଲେ। ଗାନ୍ଧୀ ନଗରରୁ ଆରମ୍ଭ ହୋଇ ମହାନଗରର ପୁରୁଣା ବସଷ୍ଟାଣ୍ଡ, ଅନ୍ନପୂର୍ଣ୍ଣା ବଜାର ସମେତ ବିଭିନ୍ନ ମଣ୍ଡଳସ୍ତରରେ ରାୟଙ୍କ ସମେତ ଜିଲା ସଂଗଠନର ନେତା ସୁନୀଲ ସାହୁ, ପ୍ରଭାତ ଷଡ଼ଙ୍ଗୀ, ଶରତ ସାହୁ, ଏନ୍. ରାଜେନ୍ଦ୍ର କୁମାର, ରାଜେଶ ସାହୁ, ମଦନ ପାତ୍ର, ନମିତାରାଣୀ ପଣ୍ଡା, ଗୋପୀନାଥ ପଣ୍ଡା, କୁଞ୍ଜବିହାରୀ ପାଣିଗ୍ରାହୀ, ସୁବାସିନୀ ପଟ୍ଟନାୟକ, ଏସ୍. ରାଣୀ, ମଧୁସୂଦନ ସାହୁଙ୍କ ସମେତ ଯୁବ, ମହିଳା, ଦଳିତ, ସଂଖ୍ୟାଲଘୁ ସେଲ ନେତା ଓ କର୍ମୀମାନେ ସାମିଲ ହୋଇଥିଲେ।

### କେନ୍ଦ୍ର ବଜେଟ ଯୁଗାନ୍ତକାରୀ : ଗଞ୍ଜାମ ଭାଜପା

ବ୍ରହ୍ମପୁର ଅଫିସ,୧।୨: କେନ୍ଦ୍ର ସରକାରଙ୍କ ୨୦୨୦-୨୧ ବର୍ଷ ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶନିବାର ଲୋକସଭାରେ ଆଗତ କରିଥିବା ବଜେଟ ଯୁଗାନ୍ତକାରୀ ହୋଇଥିବା ଦର୍ଶାଇ ଗଞ୍ଜାମ ଜିଲା ଭାଜପା ପକ୍ଷରୁ ସ୍ୱାଗତ କରାଯାଇଛି। କୃଷିର ବିକାଶ, ସ୍ୱାସ୍ଥ୍ୟସେବାର ଉନ୍ନତି, ଶିକ୍ଷାର ବିସ୍ତାର ଆଦି ନିମନ୍ତେ ଆଖିଦୃଶିଆ ବରାଦ ହୋଇଥିବାରୁ ଅର୍ଥମନ୍ତ୍ରୀ ତାଙ୍କ ବିଚକ୍ଷଣତା ପ୍ରଦର୍ଶନ କରିଥିବା ଦଳର ବରିଷ୍ଠ ନେତା କାହ୍ନୁ ଚରଣ ପତି ପ୍ରତିକ୍ରିୟାରେ କହିଛନ୍ତି। ଏହି ଲୋକାଭିମୁଖୀ ବଜେଟ ଯୋଗୁ ମୋଦି ସରକାରଙ୍କ ଲୋକପ୍ରିୟତା ବୃଦ୍ଧି ପାଇବାର ସେ ଆଶା ପ୍ରକଟ କରିଛନ୍ତି।

# ସମୟକୁ ଜ୍ଞାନ ଆହରଣରେ ଉପଯୋଗ କର: ମନ୍ତ୍ରୀ

ବ୍ରହ୍ମପୁର ଅଫିସ,୧।୨

**ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକୋତ୍ସବ**


ମୁଖ୍ୟଅତିଥି ମନ୍ତ୍ରୀ ଅରୁଣ ସାହୁ କୃତୀ ଛାତ୍ରୀ ବିଦିଶା ପାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ପାଠ୍ୟପୁସ୍ତକ ଅଧ୍ୟୟନ ଜୀବନର ମାପକାଠି ନୁହେଁ। କେବଳ ପାଠ୍ୟଖସଡା ସମ୍ପର୍କିତ ପୁସ୍ତକ ପଢି ପରୀକ୍ଷା ଦେବା ଶିକ୍ଷାର ମୂଳମନ୍ତ୍ର ନୁହେଁ। ପାଠ୍ୟପୁସ୍ତକ ସହ ଗ୍ରନ୍ଥାଗାରରେ ସଂଗୃହୀତ ପୁସ୍ତକ, ଖବରକାଗଜ ଅଧ୍ୟୟନ ମାଧ୍ୟମରେ ବାହ୍ୟଜ୍ଞାନ ଆହରଣ କରି ସମୟର ସଦୁପଯୋଗ କରିବା ଶିକ୍ଷାର ହିଁ ପ୍ରକୃତ ଲକ୍ଷ୍ୟ। ଛାତ୍ର ସମୟରେ ଜ୍ଞାନ ଆହରଣ ପାଇଁ ମିଳୁଥିବା ସମୟକୁ ଅପଚୟ ନ କରି ତାହାର ସୁବିନିଯୋଗ କରିବାକୁ ହେବ ବୋଲି ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ବାର୍ଷିକୋତ୍ସବରେ ଶନିବାର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ କୁମାର ସାହୁ ଏହା କହିଛନ୍ତି। ଅଧ୍ୟୟନ ତଥା ଜ୍ଞାନ ଆହରଣ କ୍ଷେତ୍ରରେ ସମୟକୁ ବିନିଯୋଗ କରି ମାତାପିତାଙ୍କ ସ୍ୱପ୍ନ ପୂରଣ କରିବା ଦିଗରେ ଛାତ୍ରୀଛାତ୍ରମାନେ ସଙ୍କଳ୍ପ ନେବାକୁ ମନ୍ତ୍ରୀ କହିଥିଲେ।

ରାଜ୍ୟ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟର ଅବକ୍ଷୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଧୀରେ ଧୀରେ ଅପସଂସ୍କୃତି ଆଡକୁ ଗତିଶୀଳ ହେଉଛି। ଏହାର ପ୍ରଚାର ପ୍ରସାର ଦିଗରେ ଏବେଠାରୁ ପଦକ୍ଷେପ ଗ୍ରହଣ ନ କଲେ ଏହି ଭାଷା ଆଗକୁ ଯାଇ ଓଡ଼ିଆଙ୍କ ପାଇଁ ବିପଦ ସୃଷ୍ଟି କରିବ ବୋଲି ମୁଖ୍ୟବକ୍ତା ତ୍ରିପାଠୀ ଆହ୍ୱାନ ଦେଇଥିଲେ। ଅଧ୍ୟକ୍ଷା ଉତ୍ତମା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ମନ୍ତ୍ରୀ ସାହୁ ଉଦ୍‌ଘାଟନ କରିଥିଲେ। 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସ ନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ତଥା ମୋ କଲେଜ ଅଧ୍ୟକ୍ଷ ନାୟକ ସରକାରଙ୍କ ମୋ କଲେଜ ସମ୍ପର୍କରେ ଆଲୋଚନା କରିଥିଲେ।

ସରକାରଙ୍କ ମୋ କଲେଜ କାର୍ଯ୍ୟକ୍ରମ କଲେଜ କର୍ତ୍ତୃପକ୍ଷ ଓ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ସମ୍ପର୍କର ସେତୁ ସୃଷ୍ଟି କରିବ। ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ରାଜ୍ୟ ସରକାରଙ୍କ ମୋ କଲେଜ ଯୋଜନାର ମିଳିତ ସହଯୋଗରେ ମହାବିଦ୍ୟାଳୟଗୁଡିକରେ ଥିବା ସମସ୍ୟାର ସମାଧାନ ଓ ବିକାଶ କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ନାୟକ କହିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ଡ. ପ୍ରଶାନ୍ତ ନରେନ୍ଦ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଡ. ବିଦ୍ୟୁତ୍‌ପ୍ରଭା ସାହୁ ନାଟ୍ୟ ସଂସଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମହାବିଦ୍ୟାଳୟ ଉପାଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ପାଢୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ପଞ୍ଚାନନ ଗୌଡ ଧନ୍ୟବାଦ ଦେଇଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨।୨।୨୦୨୦(ରବିବାର)**

- ସର୍ଦ୍ଧାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ। ସ୍ଥାନ- ବି.କରଡ଼ାବାଡ଼ି (ବୁଗୁଡ଼ା), ସମୟ- ଅପରାହ୍ନ ୪ଟା।
- ଉପେନ୍ଦ୍ର ଭଞ୍ଜ ଜୟନ୍ତୀ ଉତ୍ସବ। ସ୍ଥାନ- ବିରଞ୍ଚିନାରାୟଣ କଲ୍ୟାଣ ମଣ୍ଡପ ବୁଗୁଡ଼ା, ସମୟ- ଅପରାହ୍ନ ୩ଟା।
- ବ୍ରହ୍ମନାଦ ସାଂସ୍କୃତିକ ମହୋତ୍ସବ। ସ୍ଥାନ- ଟାଉନ ହଲ୍, ସମୟ-ଅପରାହ୍ନ ୫ଟା।
- ଶିରିଡି ସାଇ ନାଥ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ। ସ୍ଥାନ-ଲୋଚାପଡ଼ା ବ୍ୟାଙ୍କ କଲୋନୀ, ସମୟ-ସକାଳ ୭ଟା।
- ବିଶ୍ୱ ଶାନ୍ତି ବୈଦିକ ମହାଯଜ୍ଞ। ସ୍ଥାନ-ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୋଷାଣୀନୂଆଗାଁ, ସମୟ-ସକାଳ ୮ଟା।

**୩।୨।୨୦୨୦ (ସୋମବାର)**

- ସର୍ଦ୍ଧାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଦିବସ। ସ୍ଥାନ- ବି.କରଡ଼ାବାଡ଼ି (ବୁଗୁଡ଼ା), ସମୟ- ଅପରାହ୍ନ ୪ଟା।
- ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା। ଟାସ୍କଫୋର୍ସ କମିଟି ବୈଠକ। ସ୍ଥାନ- ବ୍ଲକ କାର୍ଯ୍ୟାଳୟ ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୧ଟା।
- ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କ ପକ୍ଷରୁ ପରିବାର ନିୟୋଜନ ସଚେତନତା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ପୂର୍ବାହ୍ନ ୧୦ଟା।

**୪।୨।୨୦୨୦(ମଙ୍ଗଳବାର)**

- ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ। ସ୍ଥାନ- ସମ୍ପୃକ୍ତ ସ୍କୁଲ ପରିସର, ସମୟ- ପୂର୍ବାହ୍ନ ୧୧ଟା।
- ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ତାଲିମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ସମୟ- ପୂର୍ବାହ୍ନ ୧୧ଟା।
- ଜିଲା ଗ୍ରାମ୍ୟଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦ୍ୱାରା ଉନ୍ନୟନ କାର୍ଯ୍ୟ ସମୀକ୍ଷା। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ-ପୂର୍ବାହ୍ନ ୧୧ଟା।

**୫।୨।୨୦୨୦ (ବୁଧବାର)**

- ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର। ସ୍ଥାନ- ପିପୁଲ୍ସ କଲେଜ ବୁଗୁଡ଼ା, ସମୟ- ପୂର୍ବାହ୍ନ ୧୧ଟା।
- ବର୍ଜ୍ୟବସ୍ତୁ ପରିଚାଳନା ଓ ସ୍ୱଚ୍ଛତା ସମ୍ପର୍କିତ ୱାର୍ଡସ୍ତରୀୟ ସଚେତନତା। ସ୍ଥାନ- ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ଦିଗପହଣ୍ଡି, ସମୟ- ଅପରାହ୍ନ ୩ଟା।
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ପୂର୍ବାହ୍ନ ୧୦ଟା।

**୬।୨।୨୦୨୦ (ଗୁରୁବାର)**

- ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର। ସ୍ଥାନ- କରଚୁଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ- ଅପରାହ୍ନ ୨ଟା।
- ସ୍ୱଚ୍ଛତା ସର୍ବେକ୍ଷଣ-୨୦୨୦ ସମ୍ପର୍କିତ କ୍ୟାଣ୍ଡେଲ ରାଲି। ସ୍ଥାନ- ଦିଗପହଣ୍ଡି, ସମୟ- ସନ୍ଧ୍ୟା ୬ଟା ୩୦ ମିନିଟ୍।
- ଅଣ ସଂକ୍ରାମକ ରୋଗର ପରୀକ୍ଷା ଓ ପରାମର୍ଶ ଶିବିର। ସ୍ଥାନ- ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର, ଦିଗପହଣ୍ଡି ବ୍ଲକ, ସମୟ- ପୂର୍ବାହ୍ନ ୧୦ଟା।

**୭।୨।୨୦୨୦ (ଶୁକ୍ରବାର)**

- ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ। ସ୍ଥାନ- ତାକରଡ଼ା, ସମୟ- ସକାଳ ୮ଟା।
- ବ୍ଲକସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୩ଟା।

**୮।୨।୨୦୨୦ (ଶନିବାର)**

- ଶ୍ରୀ ଭାଗବତ ସ୍ୱାମୀ କ୍ରିକେଟ ଟୁର୍ନାମେଣ୍ଟ। ସ୍ଥାନ- ସଙ୍କୁରୁ (ବୁଗୁଡ଼ା), ସମୟ- ସକାଳ ୮ଟା।

# ସମୟର ବିନିଯୋଗ କରି ବିଶ୍ୱ ପାଇଁ ଆଦର୍ଶ ହୁଅ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧ୍ୟାପିକା, ଛାତ୍ରୀ ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୧।୨

**ମହାମାୟୀ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ**

ସମୟ ଦ୍ରୁତଗାମୀ ଓ ସର୍ବଦା ଗତିଶୀଳ। ଶିକ୍ଷା ଗ୍ରହଣ ବୟସରେ ପ୍ରତ୍ୟେକ ବିଦ୍ୟାର୍ଥୀ ସମୟର ସଦୁପଯୋଗ କରିବା ଉଚିତ। ସମୟାନୁବର୍ତ୍ତିତା, ସମୟର ସତ୍ ବିନିଯୋଗ କରି ବିଶ୍ୱ ପାଇଁ ଅଦର୍ଶ ହୁଅ। ମହାମାୟୀ ମହିଳା ମହାବିଦ୍ୟାଳୟ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଏହା କହିଛନ୍ତି। ଅଧ୍ୟକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ମନ୍ତ୍ରୀ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଚଳଚ୍ଚିତ୍ର ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି 'ମୋ କଲେଜ' ଅଧ୍ୟକ୍ଷ ଆକାଶ ଦାସ ନାୟକ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମହାବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର କନ୍‌ଭେନର ଡ. ଅଳକାରାଣୀ ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଯୁକ୍ତ ୩ ଛାତ୍ରୀ ପ୍ରତିନିଧି ଜେ. କ୍ରିଷ୍ଣା ଶ୍ୟାମଳା ସ୍ୱାଗତ ଭାଷଣ ଦେଇଥିଲେ। ଯୁକ୍ତ ୨ ଛାତ୍ରୀ ପ୍ରତିନିଧି ମଧୁସ୍ମିତା ପଣ୍ଡା ଧନ୍ୟବାଦ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସ୍ୱର୍ଣ୍ଣଲତା ପଟ୍ଟନାୟକ, ପ୍ରସନ୍ନା ପଟ୍ଟନାୟକ, ମୃଣାଳିନୀ ପାତ୍ର, ସୁରଭୀ ଗୌଡ, ଅର୍ଚ୍ଚନା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରେଳଧାରଣାରୁ ମହିଳାଙ୍କ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୧।୨

ସରକାରୀ ରେଳବାଇ ପୋଲିସ (ଜିଆର୍‌ପି)ଶନିବାର ଛତ୍ରପୁର ଓ ବାଲିବଗଡ଼ ରେଳଧାରଣା କଡ଼ରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ମୃତ ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୫୦ ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ.୦୭/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ସଂରକ୍ଷଣ ଗୃହରେ ୩ ଦିନ ପାଇଁ ସଂରକ୍ଷିତ ରଖାଯାଇଛି। ପ୍ରାଥମିକ ତଦନ୍ତରୁ ମହିଳା ଜଣଙ୍କ ରେଳ ବଗିର ଗେଟ୍ ନିକଟରେ ଠିଆ ହୋଇଥିବା ବେଳେ ରେଳରୁ ଖସିପଡି ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି। ମୃତ ମହିଳା ଜଣଙ୍କ ସ୍ଥାନୀୟ ଅଞ୍ଚଳର ହୋଇ ନ ଥିବା ବେଳେ ସେ ଅନ୍ୟ କୌଣସି ଜିଲାର ହୋଇଥିବା ପୋଲିସ ଅନୁମାନ କରୁଛି।

## ମା', ପୁଅଙ୍କୁ ଖଣ୍ଡାରେ ଆକ୍ରମଣ ଘଟଣା
# ଜେଜେବିରେ ହାଜର ହେଲେ ନାବାଳକ

ବ୍ରହ୍ମପୁର ଅଫିସ,୧।୨

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ପଣ୍ଡା କଲୋନୀରେ ରହୁଥିବା ମୀନାକ୍ଷୀ ମିଶ୍ର ଓ ତାଙ୍କ ପୁଅ ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ଆକ୍ରମଣ ଘଟଣାରେ ପୋଲିସ ଜଣେ ନାବାଳକଙ୍କୁ ଶନିବାର ଜୁଭେନାଇଲ ଜଷ୍ଟିସ ବୋର୍ଡ (ଜେଜେବି)ରେ ହାଜର କରିଛି। ପରେ ନାବାଳକଙ୍କୁ ସୁଧାର ଗୃହକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଘଟଣାରୁ ପ୍ରକାଶ ଗତ ୨୮ ତାରିଖ ଅପରାହ୍ନରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦୁର୍ବୃତ୍ତମାନେ ରାଜା ଓରଫ କୃତ୍ତିବାସ ମିଶ୍ରଙ୍କୁ ତାଙ୍କ ଘର ସମ୍ମୁଖରେ ଖଣ୍ଡାରେ ହାଣିଥିଲେ। ଏହାର ପ୍ରତିବାଦ କରିବାରୁ ଅପରାଧୀମାନେ ତାଙ୍କ ମା' ମୀନାକ୍ଷୀ ମିଶ୍ରଙ୍କୁ ମଧ ଖଣ୍ଡାରେ ହାଣିଥିଲେ। ରାଜାଙ୍କ ମୁଣ୍ଡରେ ଖଣ୍ଡା ଚୋଟ ବାଜିଥିବା ବେଳେ ତାଙ୍କ ମା'ଙ୍କ ହାତରେ ଖଣ୍ଡା ଚୋଟ ବାଜିଥିଲା। ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ୧୯/୨୦ରେ ଏକ ମାମଲା ରୁଜୁ କରିଥିଲା।

# ରମେଶ ଜେନା କୋର୍ଟରେ ହାଜର

ବ୍ରହ୍ମପୁର ଅଫିସ,୧।୨

**ବୟାନ ଦେବାକୁ ଆସିଲେନି ସାକ୍ଷୀ**

ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଶନିବାର ଅତିରିକ୍ତ ଜିଲା ଜଜ୍ (ଏଡିଜେ)-୩ ନିରଞ୍ଜନ ଜେନାଙ୍କ କୋର୍ଟରେ ହାଜର ହୋଇଥିଲେ। ଏସ୍‌ଟି ୧୨୧/୧୮ ଟାଉନ ଥାନା ଇଲାକାରେ ଏମ୍‌ଏଲଏ ଓରଫ ଅର୍ଜୁନ ଦାସ ହତ୍ୟା ମାମଲା ଓ ପାଟପୁରରେ ଜଣେ କୁକୁଡ଼ା ଫାର୍ମ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ମାଗିବା ମାମଲା ଏସ୍‌ଟି ୧୯୬/୧୮ର ସାକ୍ଷୀମାନଙ୍କ ବୟାନ ରେକର୍ଡ ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିଲେ। ହେଲେ ଏହି ୨ଟି ମାମଲାର କେହିବି ସାକ୍ଷୀ ହାଜର ହୋଇ ନ ଥିଲେ। ଫଳରେ ଏଡିଜେ-୩ ନିରଞ୍ଜନ ଜେନା ଏହି ମାମଲାର ବିଚାର ଆସନ୍ତା ସପ୍ତାହରେ କରିବା ପାଇଁ ଦିନ ଧାର୍ଯ୍ୟ କରିଥିବା ତାଙ୍କ ଓକିଲ କିଶୋର ବିଷୋୟୀ ଓ ନିର୍ମଳ ସାହୁ ସୂଚନା ଦେଇଛନ୍ତି। ସେହିପରି ସଦର ଥାନା ଇଲାକା ଶ୍ରୀକ୍ଷେତ୍ରବିହାରରୁ ଗୁଳ୍‌ଖା ଜବତ ମାମଲାର ଏସ୍‌ଟି ୧୮୧/୧୮ର ଅଭିଯୁକ୍ତମାନଙ୍କ ବୟାନ ରେକର୍ଡ ପାଇଁ ଶନିବାର ଧାର୍ଯ୍ୟ ହୋଇଥିଲା। ରମେଶ ହାଜର ହୋଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ହାଜର ହୋଇ ନ ଥିଲେ। ମାମଲାର ବିଚାର ପାଇଁ ପରବର୍ତ୍ତୀ ତାରିଖ ଧାର୍ଯ୍ୟ ହେବ ବୋଲି ତାଙ୍କ ଓକିଲ କହିଛନ୍ତି।

## ଆଇଜର ପକ୍ଷରୁ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ


ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନୀ ପରିଦର୍ଶନ କରୁଛନ୍ତି।

ବ୍ରହ୍ମପୁର ଅଫିସ,୧।୨

ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗବେଷଣାତ୍ମକ ଚିନ୍ତନ ଶକ୍ତି ବୃଦ୍ଧି କରିବା ନେଇ ବ୍ରହ୍ମପୁର ଆଇଜର ପକ୍ଷରୁ ଏକ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇଜର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣିତ, ପଦାର୍ଥ ବିଜ୍ଞାନ, ରସାୟନିକ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଉପରେ ପ୍ରସ୍ତୁତ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ନିର୍ଦ୍ଦେଶକ କେ.ଭି.ଆର. ଚାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୧୧ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଷ୍ଟମ, ନବମ, ଯୁକ୍ତ ୨ ପ୍ରଥମ ଓ ଦ୍ୱିତୀୟ ବର୍ଷର ପ୍ରାୟ ୧୨୦ ଛାତ୍ରୀଛାତ୍ର ପ୍ରଦର୍ଶନୀ ପରିଦର୍ଶନ କରିବା ସହ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଡେପୁଟି ଡାଇରେକ୍ଟର ପ୍ରଫେସର ଯୋଗେନ୍ଦ୍ର ଶର୍ମା ଯୋଗଦେଇ ପ୍ରଦର୍ଶନୀ ଆୟୋଜନର ଉଦ୍ଦେଶ୍ୟ ଓ ଗୁରୁତ୍ୱ ଉପରେ ସଚେତନ କରିଥିଲେ।

# କେନ୍ଦ୍ର ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା

ବ୍ରହ୍ମପୁର ଅଫିସ, ୧।୨

**କେନ୍ଦ୍ର ସରକାରଙ୍କ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ଶନିବାର ପ୍ରେରିତ ବଜେଟକୁ ନେଇ ବିଭିନ୍ନ ଲୋକଙ୍କ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଛି।**



କେନ୍ଦ୍ର ବଜେଟ ସମ୍ପୂର୍ଣ୍ଣ ତ୍ରୁଟି ହୀନ। ଶିକ୍ଷାର ଘରୋଇକରଣ, ଭାରତୀୟ ଜୀବନ ବୀମାକୁ ଘରୋଇ କରଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଦରଦାମ ବୃଦ୍ଧି ରୋକିବାକୁ ନେଇ ବଜେଟରେ କୌଣସି ଯୋଜନା ନାହିଁ। ଏହି ବଜେଟରେ ଚାଷୀ, ଯୁବକ, ଛାତ୍ରୀ, ମହିଳା ଓ ବରିଷ୍ଠ ନାଗରିକଙ୍କୁ ଅବହେଳା କରାଯାଇଛି। ଏଥିରେ ନୂଆ ଯୋଜନାର ପରିକଳ୍ପନା ନାହିଁ। ମଧ୍ୟବିତ୍ତ, ଗରିବ ପରିବାରଙ୍କ ପାଇଁ କୌଣସି ଯୋଜନା ଏଥିରେ ସ୍ଥାନିତ ହୋଇନାହିଁ। ଏହି ବଜେଟ ଦ୍ୱାରା ମୋଦି ସରକାର ତାଙ୍କ କର୍ପୋରେଟ ବନ୍ଧୁଙ୍କୁ ଖୁସି କରିବାକୁ ଚେଷ୍ଟା କରିଛନ୍ତି। ଏହା ସମ୍ପୂର୍ଣ୍ଣ ଜନ ବିରୋଧୀ ବଜେଟ।

**ପୀତବାସ ପଣ୍ଡା, ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି**



ମୋଦି ସରକାରଙ୍କ ଚଳିତ ବଜେଟ ଦେଶର ସାଧାରଣ ଜନତା, କୃଷକ ଓ ଶ୍ରମିକମାନଙ୍କୁ ଏକଦମ ନିରାଶ କରିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ଆର୍ଥିକ ନୀତି ଏବଂ ଆର୍ଥିକ ମାନ୍ଦାବସ୍ଥା ନାମରେ କର୍ପୋରେଟମାନଙ୍କୁ ବିପୁଳ ଟିକସ ଛାଡର ଫଳ ସ୍ୱରୂପ ବଜେଟରେ ନିଅଣ୍ଟ ପୂର୍ବାପେକ୍ଷା ବୃଦ୍ଧି ପାଇଛି। ଯାହାକୁ ଭରଣା କରିବା ପାଇଁ ଗୋଟିଏ ପଟେ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ ହ୍ରାସ କରିବା ସହ ଏଲଆଇସି ଭଳି ରାଷ୍ଟ୍ରାୟତ୍ତ ସମ୍ପତ୍ତିକୁ ବିକ୍ରି କରିବାକୁ ଘୋଷଣା କରିଛନ୍ତି। ସରକାର ବଜେଟରେ ଘୋଷଣା କରିଥିବା ଅଧିକାଂଶ ଯୋଜନାକୁ ପିପିପି ଜରିଆରେ କରିବାକୁ ଘୋଷଣା କରି ନିଜର ଘୋଷିତ ଯୋଜନାକୁ ଲାଗୁ କରିବାକୁ ବି ସରକାରଙ୍କ ନିକଟରେ ଆବଶ୍ୟକ ପାଣ୍ଠିର ଅଭାବ ଥିବା ସ୍ପଷ୍ଟ କରିଛନ୍ତି। କୃଷି ସଙ୍କଟ ପରିପ୍ରେକ୍ଷୀରେ ସରକାର ଚଳିତ ବଜେଟରେ କୃଷି ଓ ଗ୍ରାମାଞ୍ଚଳର ବିକାଶ କ୍ଷେତ୍ରରେ ନାମକୁ ମାତ୍ର ବୃଦ୍ଧି କରିଛନ୍ତି। ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମମାନଙ୍କ ପେନସନରେ ବୃଦ୍ଧି ନ କରି ସରକାର ନିଜର ଅସମ୍ବେଦନଶୀଳତାର ପରିଚୟ ଦେଇଛନ୍ତି।

**ଭାଲଚନ୍ଦ୍ର ଷଡ଼ଙ୍ଗୀ, ସିପିଆଇ (ଏମ୍‌ଏଲ) ମୁଖପାତ୍ର**



ଚଳତ ବର୍ଷର ବଜେଟ ଏକ ପ୍ରତିଶ୍ରୁତିର ବଜେଟ। କିନ୍ତୁ ଏଥିରେ ଚାପ ଅଧିକ ପରିମାଣରେ ବ୍ୟବସାୟୀଙ୍କ ଉପରେ ପଡିବ। ଫରେନ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟକୁ ଚାମ୍ବର ଅଫ କମର୍ସ ପକ୍ଷରୁ ପୂର୍ବରୁ ବିରୋଧ କରାଯାଇ ଅସୁଥିବା ବେଳେ ଚଳିତ ବଜେଟରେ କେନ୍ଦ୍ର ସରକାର ତାହାକୁ ପାସ୍ କରିଛନ୍ତି। ଯାହାର ପ୍ରଭାବ ସିଧାସଳଖ ରିଟେଲର ବ୍ୟବସାୟୀଙ୍କ ଉପରେ ପଡିବ। ଭାରତର ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ବହୁତ କ୍ଷତି ସହିବାକୁ ପଡିବ। ଏହାବ୍ୟତୀତ ଶିକ୍ଷାକୁ ଘରୋଇ କରଣ ନିଷ୍ପତ୍ତି ଦ୍ୱାରା ଶିକ୍ଷାର ମାନ ଆହୁରି କମିଯିବ।

**ସନ୍ତୋଷ କୁମାର ସାହୁ, ଗଞ୍ଜାମ ଜିଲା ଚାମ୍ବର ଅଫ କମର୍ସ ଉପସଭାପତି**



ଚଳିତ ବର୍ଷ କେନ୍ଦ୍ର ବଜେଟରେ କୃଷି, ଶିକ୍ଷା, ନିଯୁକ୍ତି ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଆୟକର ଦାତାଙ୍କ ପାଇଁ ଏହା କିଛି ପରିମାଣରେ ଜଟିଳ ପରିସ୍ଥିତି ସୃଷ୍ଟି କରିଛି। ତଥାପି ଆୟକର ଉପରେ ପ୍ରେରିତ ନିଷ୍ପତ୍ତି ମଧ୍ୟବିତ୍ତ ଶ୍ରେଣୀ ପାଇଁ ସନ୍ତୋଷ ଜନକ ହେବ। ଏହାଦ୍ୱାରା ସାଧାରଣ ଲୋକ ଉପକୃତ ହେବେ। କୃଷି, ଶିକ୍ଷା କ୍ଷେତ୍ରରେ ନିଆଯାଇଥିବା ସମସ୍ତ ପଦକ୍ଷେପ ସ୍ୱାଗତଯୋଗ୍ୟ।

**ଗୀତାଞ୍ଜଳି ପଣ୍ଡା, ଗୃହିଣୀ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ରବିବାର, ଫେବୃୟାରୀ ୨/୨୦୨୦ Berhampur, Sunday, February 2/ 2020

## ସଂକ୍ଷେପରେ

### ଆମେରିକାରରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



ଖଲ୍ଲିକୋଟ,୧।୨(ଡି.ଏନ.ଏ.)-ତିନି ମହଲା କୋଠା ଉପରୁ ପଡ଼ି ଗୁରୁତର ହୋଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ଆମେରିକାରେ ମୃତ୍ୟୁ ଘଟିଛି। ସେ ହେଲେ ଖଲ୍ଲିକୋଟ ବ୍ଲକ ଅଞ୍ଚଳର ପାଟଣା କନ୍ହେଇପୁର ଗ୍ରାମର ରମେଶ ମହାରଣା (୩୫)। ରମେଶଙ୍କ ସମ୍ପର୍କୀୟ କହିବାନୁଯାୟୀ, ଆମେରିକାର କାୟୋ ସାନ୍ତାମାରିଆ ଅଞ୍ଚଳରେ ଥିବା ଏକ ହୋଟେଲରେ ରମେଶ କାଠ କାମ କରୁଥିଲେ। ଗତ ୩୦ ତାରିଖରେ ସେ କାମ କରୁଥିବା ବେଳେ ୩ମହଲା କୋଠା ଉପରୁ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ସେଠାକାର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କୁ ଫୋନ୍ ଆସିଥିଲା। ସ୍ତ୍ରୀ ରେଣୁଙ୍କ ସମେତ ରମେଶଙ୍କ ମା, ପୁଅ, ଝିଅ ଭାଙ୍ଗି ପଡିଛନ୍ତି। ବାହାର ରାଜ୍ୟକୁ କାଠ କାମ କରିବା ପାଇଁ ଯାଇଥିବା ବୃଦ୍ଧ ବାପା ରଙ୍କନାଥ ମଧ ଗାଁକୁ ଫେରୁଛନ୍ତି। ରମେଶଙ୍କ ମରଶରୀର ଶୀଘ୍ର ଫେରାଇ ଆଣିବାକୁ ଦାବି ହେଉଛି।

### ବଟି ମାଗିବାକୁ ନେଇ ଥାନାରେ ଏତଲା

ଗଞ୍ଜାମ,୧।୨(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ ବରୋଦା ଗ୍ରାମରେ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଛି। କେତେକ ଅସାମାଜିକ ବ୍ୟକ୍ତି ବଟି ଦାବିକରି ଧମକ ଦେଉଥିବା ଶନିବାର ଗଞ୍ଜାମ ଥାନାରେ ଅଭିଯୋଗ ହୋଇଛି। ବଟି ମାଗୁଥିବା ବ୍ୟକ୍ତିମାନେ ଶ୍ରମିକମାନଙ୍କୁ ଗାଳି ଗୁଲଜ ସହ ସେମାନେ ରହୁଥିବା ବାତ୍ୟା ଆଶ୍ରୟ ସ୍ଥଳୀରୁ ଜିନିଷପତ୍ର ଫୋପାଡ଼ି ଦେଇଥିବା ନିର୍ମାଣ କାର୍ଯ୍ୟ କରୁଥିବା ଧରଣୀ ବାରିକ ଏତଲାରେ ଦର୍ଶାଇଛନ୍ତି। ଏନେଇ ଥାନାଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ଉଭୟ ପକ୍ଷଙ୍କୁ ଥାନାକୁ ଡକାଯାଇଛି। ଘଟଣା ସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ବିରଞ୍ଚି ନାରାୟଣ ଠାକୁରଙ୍କ ପ୍ରସିଦ୍ଧ ରଥଯାତ୍ରା

ବୁଗୁଡ଼ା,୧।୨(ଡି.ଏନ.ଏ.)-ବୁଗୁଡ଼ାର ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିରରେ ଶନିବାର ତୀଳ ସପ୍ତମୀ ଉପଲକ୍ଷେ ଠାକୁରଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କୁ ବିଭିନ୍ନ ପୁଷ୍ପରେ ସୁସଜ୍ଜିତ କରାଯାଇ ହୋମଯଜ୍ଞ ପୂଜାପାଠ କରାଯାଇଥିଲା। କର୍ତ୍ତା ରୂପେ ମହନ୍ତ ଭକ୍ତରାମ ଦାଶ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଚିତ୍ତରଞ୍ଜନ ମିଶ୍ର, ଚିନ୍ମୟ କୁମାର ଦାଶ, ବୈଷ୍ଣବ ଚରଣ ଦାଶ ପ୍ରମୁଖ ପୁରୋହିତମାନେ ଯଜ୍ଞ ପରିଚାଳନା ସହ ଠାକୁରଙ୍କ ପାଇଁ ନିର୍ମିତ ରଥକୁ ପ୍ରତିଷ୍ଠା କରିଥିଲେ। ଠାକୁରଙ୍କ ତୁଳସୀ ସେବା କରିବା ପାଇଁ ପୁରୀରୁ ୩ ଜଣ ସନ୍ଥ ଆସିଥିଲେ। ବିରଞ୍ଚି ନାରାୟଣ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ପହଣ୍ଡି ବିଜେ କରାଯାଇଥିଲା। ପରେ ବାଦ୍ୟବାଜଣା ଓ ବାଣ ପଟୁଆର ସହ ହରିବୋଲରେ ଭକ୍ତମାନେ ରଥ ଟାଣିଥିଲେ। ରଥ ବଳଦେବ ସ୍ୱାମୀ ମନ୍ଦିର ସମ୍ମୁଖରେ ପହଞ୍ଚିବାପରେ ଠାକୁରଙ୍କ ଆଳତୀ କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

# ଛତ୍ରପୁର କଲେଜରେ ଅବ୍ୟବସ୍ଥା ଦେଖିଲେ ଉଚ୍ଚଶିକ୍ଷା ମନ୍ତ୍ରୀ

ଛତ୍ରପୁର,୧।୨(ଡି.ଏନ.ଏ.)



ମନ୍ତ୍ରୀ ଅନୁଧାନ କରୁଛନ୍ତି।

ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଶନିବାର ଅପରାହ୍ନରେ ଅଚାନକ ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ପରିଦର୍ଶନ କରିଥିଲେ। ତେବେ ଉକ୍ତ ସମୟରେ ଯୁକ୍ତ ୩ ଶ୍ରେଣୀର କୌଣସି ଛାତ୍ରୀଛାତ୍ର ଉପସ୍ଥିତ ନ ଥିଲେ । ଅପରପକ୍ଷରେ ଯୁକ୍ତ ୨ ଶ୍ରେଣୀର କ୍ଲାସ୍ ମଧ୍ୟାହ୍ନ ପରେ ଶେଷ ହୋଇଯାଇଥିବାରୁ କେବଳ ଯୁକ୍ତ ୩ ଶ୍ରେଣୀର ଛାତ୍ରୀଛାତ୍ରଙ୍କ କ୍ଲାସ୍ ରହିବା କଥା । କଲେଜରେ ଅଧ୍ୟାପିକା ଅଧ୍ୟାପକ ଓ ଷ୍ଟାଫ୍‌ଙ୍କ ପାଇଁ ଥିବା ବାୟୋମେଟ୍ରିକ୍ ବ୍ୟବସ୍ଥା ଅନୁଧ୍ୟାନ କରିବା ସହ କିଏ ଉପସ୍ଥିତ ଅଛି ଓ କିଏ ନାହାନ୍ତି ଏବଂ ଠିକ୍ ସମୟରେ ଆସିଛନ୍ତି କି ନାହିଁ ସେ ସମ୍ପର୍କରେ ମନ୍ତ୍ରୀ ପଚାରି ବୁଝିଥିଲେ। ଏପରିକି ଏହାର ଏକ କମ୍ପ୍ୟୁଟର ପ୍ରିଣ୍ଟଆଉଟ୍ ସାଙ୍ଗରେ ସେ ନେଇଥିଲେ। ପାଠରେ ଦୁର୍ବଳ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ପଢା ବ୍ୟବସ୍ଥା ହୋଇଛି । ତେବେ ଏହାର ରେଜିଷ୍ଟର ଠିକ୍ ଭାବେ ପରିଚାଳନା ହେଉନି । ଯୁକ୍ତ ୨ ଓ ୩ ଶ୍ରେଣୀର ଅଧ୍ୟାପକ ଠିକ୍ ସମୟରେ କଲେଜକୁ ଆସୁନାହାନ୍ତି। ଲାଇବ୍ରେରି ଖୋଲା ହେଉନି । ଏସବୁ ଦେଖି ମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହାକୁ ନ ସୁଧାରିଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସତର୍କ କରାଇ ଦେଇ ଥିଲେ । ସର୍ବଦା ଅନୁପସ୍ଥିତ ରହୁଥିବା ଛାତ୍ରୀଛାତ୍ର ଅଭିଭାବକଙ୍କୁ ଡାକି ଆଲୋଚନା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମିଳିଥିବା ସୂଚନା ଅନୁସାରେ ଯୁକ୍ତ ୨ ଶ୍ରେଣୀରେ ୧୭ ରୁ ୧୨ ଜଣ ଏବଂ ଯୁକ୍ତ ୩ ବିଭାଗରେ ୪୪ ରୁ ୧୩ ଅଧ୍ୟାପିକା ଅଧ୍ୟାପକ ଅଛନ୍ତି । ଏଠାରେ ଯୁକ୍ତ ୨ ଓ ୩ ବିଭାଗରେ ୩୦୦୦ ଛାତ୍ରୀଛାତ୍ର ପଢୁଛନ୍ତି । ପ୍ରକାଶଯେ, ଜାନୁୟାରୀ ୨୫ରେ ଛତ୍ରପୁର ସର୍କିଟ ହାଉସରେ ମନ୍ତ୍ରୀଙ୍କୁ ଛାତ୍ରୀଛାତ୍ର ଭେଟି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

# ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ଶିବିର ଉଦ୍‌ଘାଟିତ



ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଛତ୍ରପୁର,୧।୨(ଡି.ଏନ.ଏ.)

ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲରେ ଶନିବାର ୩ ଦିନିଆ ଗଞ୍ଜାମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ୍ ତାଲିମ ଶିବିରକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛତ୍ରପୁର ବିଇଓ ଅବିନାଶ ଶତପଥୀ, ରଙ୍ଗେଇଲୁଣ୍ଡା ବିଇଓ ପ୍ରଭାତୀ କୁମାରୀ ମହାପାତ୍ର, ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଭାସ୍କର ଲେଙ୍କା, କୁକୁଡାଖଣ୍ଡି ବିଇଓ ଏସ୍. ଗିରିଧର, ସୋରଡ଼ା ବିଇଓ ବିଜୟ କୁମାର ପ୍ରଧାନ, ଗଞ୍ଜାମ ବିଇଓ ସୁବାସ ଚନ୍ଦ୍ର ଘଡେଇ, ହିଞ୍ଜିଳି ବୃନ୍ଦାବନ ବିଦ୍ୟାପୀଠ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମୁନୀ, ତାଲିମ ନିର୍ଦ୍ଦେଶକ ହିମାଂଶୁ କୁମାର ପଟ୍ଟନାୟକ, ରେଡ୍‌କ୍ରସ୍ ବିଶେଷଜ୍ଞ ଦେବୀ ପ୍ରସାଦ ସାହୁ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ସର୍ବଦା ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପୁରୁଷୋତ୍ତମପୁର ବିଇଓ ହରେକୃଷ୍ଣ ପଣ୍ଡାଙ୍କ ସଂଯୋଜନାରେ ହୋଇଥିବା ବେଳେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତଥା ଜିଲା ସମ୍ପାଦକ ଭାଗୀରଥି ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିବିର ନିର୍ଦ୍ଦେଶକ ହିମାଂଶୁ କୁମାର ପଟ୍ଟନାୟକ, ପ୍ରୋଗ୍ରାମ ଇନ୍‌ଚାର୍ଜ ବିଜୟ କୁମାର ବେହେରା, ଯୁଗ୍ମ ସମ୍ପାଦକ ଭୀକାରୀ ଚରଣ ଗୌଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୬୫୦ ଶିବିରାର୍ଥୀ ଯୋଗ ଦେଇଥିଲେ। ରକ୍ତଦାନ ଶିବିର, ଜିରୋ ପିରିୟଡ୍, ଗୁରୁଛାତ୍ର କଲ୍ୟାଣ ପାଣ୍ଠି, ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଛି । ଡେପୁଟି ଫାୟାର ଅଫିସର ଦେବେନ୍ଦ୍ର କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଫାୟାର ଅଫିସର ଓ କର୍ମଚାରୀ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ।

# ଛତ୍ରପୁରରେ ବଜେଟ ଲାଇଭ୍, ଆଲୋଚନା


ଲାଇଭ୍‌ରେ ବୁଦ୍ଧିଜୀବୀ ଉପସ୍ଥିତ ଅଛନ୍ତି।

ଛତ୍ରପୁର,୧।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ସଦରମହକୁମା ଛତ୍ରପୁରସ୍ଥିତ ଶିବ କୁମାର ପଟ୍ଟନାୟକ ରିଡିଂ ରୁମ୍‌ରେ ପ୍ରଥମ କରି ଶନିବାର ଲୋକ ସଭାରେ ଚାଲିଥିବା ବଜେଟ ଲାଇଭ୍ କରାଯାଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ପକ୍ଷରୁ ଉପସ୍ଥାପିତ ବଜେଟ-୨୦୨୦ର ଲାଇଭ୍ ଦେଖିବା ସହ ଏହା ଉପରେ ଆଲୋଚନା ହୋଇଥିଲା । ପରେ ଉକ୍ତ ବଜେଟ ଉପରେ ଉପସ୍ଥିତ ବୁଦ୍ଧିଜୀବୀ, ପୂର୍ବତନ ବିଧାୟକ, ଶିକ୍ଷାବିତ୍, ଓକିଲ ଓ ଶିଳ୍ପପତି ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ରିଡିଂ ରୁମ୍ କମିଟି ପକ୍ଷରୁ ଏହି ଲାଇଭ୍ ଓ ଆଲୋଚନା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଉକ୍ତ ବଜେଟ ଉପରେ ମତ ଦେଇ କହିଛନ୍ତି, ଏହା ଏକ ସମତୁଳ ବଜେଟ। ପିପିପି ମୋଡ୍‌ରେ ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା କରାଯାଇଛି। ଓଡିଶାର ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ ଆବଶ୍ୟକତା ରହିଛି। ଏଥିସହ ସ୍ୱାସ୍ଥ୍ୟ କ୍ଷେତ୍ରରେ ଡିପ୍ଲୋମାସ୍ତରର ଶିକ୍ଷା, ରେଲୱେ କ୍ଷେତ୍ରରେ ଓଡିଶା ପାଇଁ ବ୍ୟବସ୍ଥା କରିବା ଉପରେ ପୂର୍ବତନ ବିଧାୟକ ଚୌଧୁରୀ ମତ ଦେଇଛନ୍ତି। ଓକିଲ ବି. ଶ୍ରୀନିବାସ ଉକ୍ତ ବଜେଟ୍ ସନ୍ତୋଷଜନକ ରହିଛି ବୋଲି କହିଛନ୍ତି । ମଧ୍ୟବିତ ପରିବାରଙ୍କ ପାଇଁ ଟିକସରେ ରିହାତି ଭଲ ପଦକ୍ଷେପ ବୋଲି ଓକିଲ ଶ୍ରୀନିବାସ ମତ ଦେଇଛନ୍ତି। ଶିକ୍ଷାବିତ୍ କୃପାସିନ୍ଧୁ ପଣ୍ଡା ଏହି ବଜେଟ ଭଲ ରହିଛି। ଶିକ୍ଷା, କୃଷି ଓ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିବା କହିଛନ୍ତି।

## ନାଗରିକତ୍ୱ ସଂଶୋଧନ ଆଇନ ଉପରେ ସଚେତନତା

ଧରାକୋଟ,୧।୨(ଡି.ଏନ.ଏ.)

ଭାଜପା ପକ୍ଷରୁ ନାଗରିକତ୍ୱ ସଂଶୋଧନ ଆଇନ ଉପରେ ସଚେତନତା କରାଯାଇଛି। ଗଞ୍ଜାମ ଘୁମୁସର ଜିଲା ଭାଜପା ସଭାପତି ଗୋକୁଳାନନ୍ଦ ମଲିକ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ସମ୍ପାଦକ ବିଜୟ କୁମାର ସ୍ୱାଇଁ ପ୍ରମୁଖ ଧରାକୋଟ ବ୍ଲକର ମାଣିକ୍ୟପୁର ପଞ୍ଚାୟତର ଶିକୁଳିଆପଲ୍ଲୀ, ଢଉପଦା, ହରିପ୍ରିୟାପୁର ଶାସନ, ଦୁର୍ଗାମାଧବପୁର ଶାସନ, ଲେଙ୍ଗମା, ମାଣିକ୍ୟପୁର, ସୁବୁଦ୍ଧିପଲ୍ଲୀ ଆଦି ଗ୍ରାମକୁ ଯାଇ ସଚେତନତା ବାର୍ତ୍ତା ଦେଇଥିଲେ। ଏହି ଆଇନ ଦ୍ୱାରା ପାକିସ୍ତାନ, ବାଂଲାଦେଶ, ଆଫଗାନୀସ୍ତାନର ହିନ୍ଦୁ, ବୌଦ୍ଧ, ଶିଖ୍, ଜୈନ ଓ ଖ୍ରୀଷ୍ଟିୟାନମାନେ ଯେଉଁମାନେ ୩୧ ଡିସେମ୍ବର ୨୦୧୪ ପୂର୍ବରୁ ଭାରତ ଆସିଛନ୍ତି ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବ। ପ୍ରକାଶଯୋଗ୍ୟ, ୨୬ ସେପ୍ଟେମ୍ବର ୧୯୪୭ରେ ମହାତ୍ମା ଗାନ୍ଧୀ ଏକ ସାଧାରଣ ସଭାରେ ମତ ପ୍ରକାଶ କରିଥିଲେ । ପାକିସ୍ତାନରେ ରହୁଥିବା ହିନ୍ଦୁ, ଶିଖ୍ ସେଠାରେ ନ ରହି ଭାରତ ଆସିବାକୁ ଚାହିଁଲେ ସେମାନେ ଆସିପାରିବେ ଏବଂ ଭାରତ ସରକାର ସେମାନଙ୍କୁ ସୁରକ୍ଷା, ଜାଗା, ରୋଜଗାର ଯୋଗାଇଦେବେ। ମଣ୍ଡଳ ସଭାପତି ୟୁ. ପାପା ରାଓ, ଅଶୋକ ନାୟକ, ଜିତେନ୍ଦ୍ର ବିଶୋଇ, ଗୌତମ ରଣା, ବରିଷ୍ଠ ସଭ୍ୟ ହେମନ୍ତ ଦାସ, ଏମ. ଚିନ୍ମୟ ରେଡ୍ଡୀଙ୍କ ସମେତ ଶତାଧିକ କର୍ମୀ ସାମିଲ ଥିଲେ।

# ନିରପେକ୍ଷ ଜନସେବା ହିଁ ମାଧବ ସେବା

## କବିସୂର୍ଯ୍ୟ ବଳଦେବ ଜୟନ୍ତୀ ମହୋତ୍ସବ ଉଦ୍‌ଯାପିତ

କବିସୂର୍ଯ୍ୟନଗର,୧।୨

ରାଜ୍ୟସ୍ତରୀୟ କବିସୂର୍ଯ୍ୟ ବଳଦେବ ଜୟନ୍ତୀ ମହୋତ୍ସବ ଉଦଯାପନ ଦିବସର ପ୍ରଶାସନିକ ଅଧିକାରୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍‌ଘାଟନ କରିଥିଲେ। ପ୍ରଶାସନ ଅଧିକାରୀ ବ୍ୟକ୍ତିଗତ, ରାଜନୈତିକ ସ୍ୱାର୍ଥରୁ ଊର୍ଦ୍ଧ୍ୱରେ ରହି କାମ କରିବା ଉଚିତ୍। ନିରପେକ୍ଷ ଜନସେବା ହିଁ ମାଧବ ସେବା ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚ ତଥା ମହୋତ୍ସବ ଅଧ୍ୟକ୍ଷା ସ୍ଥାନୀୟ ବିଧାୟିକା ଲତିକା ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା, କବିତା ପାଠୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କବିସୂର୍ଯ୍ୟ ବଳଦେବ ସ୍ମୃତି ସମ୍ମାନରେ ସମ୍ମାନିତ ବ୍ୟକ୍ତିତ୍ୱ ମଧ୍ୟରେ ପ୍ରାକ୍ତନ ଆସିକା ସାଂସଦ ତଥା ପ୍ରାକ୍ତନ କବିସୂର୍ଯ୍ୟନଗର ବିଧାୟକ ନିତ୍ୟାନନ୍ଦ ପ୍ରଧାନ, ଓଡ଼ିଶା ଭାଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ଼ା. ତମସାରାଣୀ ଦାସ ମହାପାତ୍ର, ଏମକେସିଜି କଲେଜ ସହକାରୀ ପ୍ରଫେସର ଡ଼ା.ରାଜେନ୍ଦ୍ର କୁମାର ବେହେରା, ବ୍ରହ୍ମପୁର ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଭ୍ୟ ସୁକାନ୍ତ ଦାଶ, ସାହିତ୍ୟିକ ପ୍ରଫେସର ଡ଼. ଶ୍ରୀମତୀ ମିଶ୍ର, ଆସିକା ବିଜ୍ଞାନ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଡ଼. ଦୁର୍ଗା ପ୍ରସାଦ ରଥ, ଷଣ୍ମୂଳ ଶାସ୍ତ୍ରୀୟ ସଂଗୀତ ନିର୍ଦ୍ଦେଶକ ଜଗନ୍ନାଥ ଦୋରା ଥିଲେ। ବିଧାୟିକାଙ୍କ କନ୍ୟା ସ୍ୱସ୍ତିକା ପ୍ରଧାନଙ୍କ 'ଆଖି ବୁଜିଦେଲେ ଦିଶୁଛି ମା' ସମଲେଶ୍ୱରୀ' ଗୀତରେ ଦର୍ଶକ ଝୁମିଥିଲେ।

# ନୂତନ ସଭାପତିଙ୍କୁ ଭେଟିଲେ ଅଧ୍ୟକ୍ଷ

ସୋରଡ଼ା,୧।୨(ଡି.ଏନ.ଏ.)



ରଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ

ରଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୋଇଛନ୍ତି ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ। ଶନିବାର ଅଧ୍ୟକ୍ଷ ରମେଶ କୁମାର ପାଢ଼ୀ, ଅଧ୍ୟାପକ ଡ଼. ହୃଷୀକେଶ ମିଶ୍ର, ଉପଜିଲାପାଳ ତଥା ସଭାପତି ମିଞ୍ଜଙ୍କୁ ଭଞ୍ଜନଗର କାର୍ଯ୍ୟାଳୟରେ ଭେଟି ଫୁଲତୋଡ଼ା ଦେଇ ସ୍ୱାଗତ କରିଛନ୍ତି। ଏହି ଅବସରରେ ମିଞ୍ଜ ମହାବିଦ୍ୟାଳୟର ସୁବିଧା ଅସୁବିଧା ପଚାରିଥିଲେ। ଅଧ୍ୟକ୍ଷ ତାଙ୍କୁ କଲେଜ ପରିଦର୍ଶନରେ ଆସିବାକୁ ଆମନ୍ତ୍ରଣ କରିଛନ୍ତି। ଅନ୍ୟପଟେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ମୋ କଲେଜ ଅଭିଯାନ ଯୋଜନାର ସଫଳ ରୂପାୟନ ପାଇଁ କଲେଜ ସ୍ତରୀୟ କମିଟି ଗଠନ ତଥା ଏହା ଉପରେ ଆଲୋଚନା ପାଇଁ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଆସନ୍ତା ୫ ତାରିଖରେ ଆସି ଯୋଜନା ସମ୍ପର୍କିତ ବୈଠକରେ ଯୋଗ ଦେବାକୁ ନିମନ୍ତ୍ରଣ ପତ୍ର ପଠାଯାଇଛି। ଏ ସମ୍ପର୍କରେ ମହାବିଦ୍ୟାଳୟର ପ୍ରଥମ ବ୍ୟାଚର ପୁରାତନ ଛାତ୍ର ଭଗବାନ ସାହୁ କହିଛନ୍ତି ଉନ୍ନତି ତଥା ବିକାଶ ପାଇଁ ଆମକୁ ସାମିଲ କରିବାକୁ ଶିକ୍ଷା ବିଭାଗର ଯୋଜନା ମୋ କଲେଜ ଅଭିଯାନ ଏକ ସଫଳ ନିଷ୍ପତ୍ତି।

## ସୁନ୍ନପୁର ବେଳାଭୂମିରେ ବୁଡ ପକାଇଲେ ଶ୍ରଦ୍ଧାଳୁ

ଚିକିଟି,୧।୨(ଡି.ଏନ.ଏ.)

ମାଘମାସ ଶୁକ୍ଳ ସପ୍ତମିତିଥି ଶନିବାର ଚିକିଟି ବ୍ଲକ୍ ସୁନ୍ନପୁର ବେଳାଭୂମିରେ ୪ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ ପକାଇଛନ୍ତି। ଶ୍ରଦ୍ଧାଳୁମାନେ ଭୋର୍‌ରୁ ବେଳାଭୂମିକୁ ଯାଇ ସୂର୍ଯ୍ୟଦେବଙ୍କୁ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ଏଥିସହ ଷଷ୍ଠୀଠାରୁ ଆରମ୍ଭ ହୋଇଥିବା ମାଘମେଳା ଶେଷ ହୋଇଛି। ଏଥିପାଇଁ ଦୁଇଦିନ ହେବ ସୁନ୍ନପୁର ବେଳାଭୂମି ଉତ୍ସବମୁଖର ହୋଇଉଠିଥିଲା। ମାଘସପ୍ତମି ବୁଡ ପାଇଁ ଗଞ୍ଜାମ ଜିଲା ସମେତ ଆଖପାଖ ଜିଲାରୁ ଶ୍ରଦ୍ଧାଳୁମାନେ ଆସି ଷଷ୍ଠୀଠାରୁ ସୁନ୍ନପୁର ବେଳାଭୂମିରେ ପହଞ୍ଚିଯାଇଥିଲେ।




# ୨୪୫ ସ୍କୁଲକୁ ରୌପ୍ୟ ପୁରସ୍କାର ଦେଲେ ଜିଲାପାଳ



ଜିଲାପାଳ ସମ୍ମାନିତ କରୁଛନ୍ତି।

ଛତ୍ରପୁର,୧।୨(ଡି.ଏନ.ଏ.)

ଛତ୍ରପୁରସ୍ଥିତ ଅନ୍‌ସ୍ଲୋ ସରକାରୀ ହାଇସ୍କୁଲ ସମ୍ମିଳନୀ ଗୃହରେ ଶନିବାର ଗଞ୍ଜାମ ଜିଲାସ୍ତରୀୟ ଗାରିମା ରୌପ୍ୟ ଆୱାର୍ଡ ଏବଂ ମୋ ସ୍କୁଲ ଓ ପୁରାତନଛାତ୍ରୀଛାତ୍ରଙ୍କୁ ସମ୍ମାନିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସ୍କୁଲ ଏକ ମନ୍ଦିର ଏବଂ ଏଥିପ୍ରତି ଧ୍ୟାନ ଦେଲେ ଦେଶର ପ୍ରଗତି ହେବ ବୋଲି ଜିଲାପାଳ କହିଥିଲେ । ଶିକ୍ଷା କ୍ଷେତ୍ରରେ ସଫଳତା ପାଇଁ ଜିଲାର ୨୪୫ ସ୍କୁଲକୁ ଗାରିମା ଯୋଜନାରେ ରୌପ୍ୟ ପୁରସ୍କାର ଜିଲାପାଳ ପ୍ରଦାନ କରିଥିଲେ । ଏଥିସହ ପ୍ରତି ବ୍ଲକରୁ ୧୦କରି ସମଗ୍ର ଜିଲାରେ ୨୨୦ ଜଣ ମୋ ସ୍କୁଲ

## ପୁରାତନ ଛାତ୍ର ସମ୍ମାନିତ

ଯୋଜନାରେ ଆର୍ଥିକ ଦାନ ଦେଇଥିବା ପୁରାତନ ଛାତ୍ର ଓ ବ୍ୟକ୍ତିବିଶେଷଙ୍କୁ ଜିଲାପାଳ ସମ୍ମାନିତ କରିଥିଲେ। ମୋ ସ୍କୁଲ ଯୋଜନାରେ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ବିନୀତା ସେନାପତି, ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ଅବିନାଶ ଶତପଥୀ, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତୀ କୁମାରୀ ମହାପାତ୍ର, କୁକୁଡାଖଣ୍ଡି ବିଇଓ ଏସ୍. ଗିରିଧରଙ୍କ ସମେତ ଜିଲାର ସମସ୍ତ ବିଇଓ, ପ୍ରଧାନ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର ପ୍ରମୁଖ ଯୋଗ ଦେଇଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ